# ପିଏମ୍‌ଶ୍ରୀ ଉତ୍ସବରେ ଅନିୟମିତତା ଅଭିଯୋଗ

## ଟେଣ୍ଡର ଖୋଲିବା ପୂର୍ବରୁ ଆରମ୍ଭ ହୋଇଥିଲା ଟେଣ୍ଟ କାମ

## ଟେଣ୍ଡର ବରାଦ ଓ ଖର୍ଚ୍ଚରେ ତାରତମ୍ୟ ନାହିଁ

ବଲାଙ୍ଗିର,୩୧।୧(ସମିସ)

ବଲାଙ୍ଗିର ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଆୟୋଜନରେ ଅହେତୁକ ଅବହେଳା ଓ ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଛି। ଏହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାକୁ ନେଇ ହୋଇଥିବା ଅଭିଯୋଗକୁ ଅବଶ୍ୟ ଶିକ୍ଷା ବିଭାଗ ପକ୍ଷରୁ ଖଣ୍ଡନ କରାଯାଇଛି; କିନ୍ତୁ ଏହିଭଳି କିଛି ପ୍ରସଙ୍ଗ ରହିଛି ଯାହା କାର୍ଯ୍ୟକ୍ରମ ଆୟୋଜନରେ ହୋଇଥିବା ଅବହେଳା ଓ ଅନିୟମିତତାକୁ ସ୍ପଷ୍ଟ କରିଛି। ଏହି କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଟେଣ୍ଟ ଓ ଖାଇବା ଖର୍ଚ୍ଚ ବାବଦକୁ ଡକାଯାଇଥିବା ଟେଣ୍ଡର ନୋଟିଫିକେସନରେ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନ ଥିବା ବେଳ ଟେଣ୍ଡର ଖୋଲିବା ଦୁଇ ତିନି ଦିନ ପୂର୍ବରୁ କାମ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଥିଲା। ଏହା ସହିତ ଆହୁରି ଏମିତି ଅନେକ କିଛି ସମସ୍ୟା ଦେଖିବାକୁ ମିଳିଥିଲା; ଯାହା ପରିଚାଳନାଗତ ଅବହେଳାକୁ ସ୍ପଷ୍ଟ କରିଛି।

ଏହି ଜିଲ୍ଲାସ୍ତରୀୟ ଉତ୍ସବ ବଲାଙ୍ଗିରରେ ଗତ ୨୯ ଓ ୩୦ ତାରିଖରେ ଦୁଇ ଦିନ ଧରି ଆୟୋଜନ କରାଯାଇଥିଲା। ଏଥିରେ ଜିଲ୍ଲାର ୩୬ଟି ପିଏମ୍‌ଶ୍ରୀ ବିଦ୍ୟାଳୟର ପ୍ରାୟ ୧୫ ଶହ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ତେବେ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମ ପାଇଁ ଟେଣ୍ଟ ସହ ଅନ୍ୟ ଆନୁସାଙ୍ଗିକ ବ୍ୟବସ୍ଥା ଓ ଖାଇବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ଟେଣ୍ଡର ଡକାଇଯାଇଥିଲା। ଟେଣ୍ଡରରେ ଟେଣ୍ଟ ଓ ଅନ୍ୟ ଆନୁସାଙ୍ଗିକ ବ୍ୟବସ୍ଥା ପାଇଁ ୮ ଲକ୍ଷ ୪ ହଜାର ୮ ଶହ ଟଙ୍କା ଲେଖାଯାଇଥିଲା; କିନ୍ତୁ ଏହା ପୂର୍ବରୁ ପୁଣି ଏହାକୁ ୫ ଲକ୍ଷ ୫୦ ହଜାରରେ ସୀମିତ ରଖିବାକୁ ପାଇଁ କୁହାଯାଇଛି। ତେବେ ଟେଣ୍ଟ ଓ ଅନ୍ୟ ଆନୁସାଙ୍ଗିକ ବ୍ୟବସ୍ଥାର ଖର୍ଚ୍ଚ ପରିମାଣ କେତେ, କେତେ ଟଙ୍କାରେ ଟେଣ୍ଡର ଟେଣ୍ଟ ହାଉସକୁ ଦିଆଯାଇଛି ତାହା ଅସ୍ପଷ୍ଟ। ସେହିପରି ଖାଇବା ବାବଦକୁ ୬ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ୧୫ଶହ ଛାତ୍ରଛାତ୍ରୀଙ୍କ ପାଇଁ ଜଣ ପ୍ରତି ୧୮୦ ଟଙ୍କା ହିସାବରେ ଦୁଇ ଦିନ ଖାଇବା ବ୍ୟବସ୍ଥା କରିବାକୁ ଏଥିରେ କୁହାଯାଇଛି। ଏହା ସହ ଦ୍ୱିତୀୟ ଦିନରେ ସମସ୍ତଙ୍କ ପାଇଁ ସ୍ନାକ୍ସ ବ୍ୟବସ୍ଥା ପାଇଁ କୁହାଯାଇଛି; କିନ୍ତୁ ବିଭାଗୀୟ ଅତିରିକ୍ତ ଶିକ୍ଷା ଅଧିକାରୀଙ୍କ କହିବା ଅନୁସାରେ ପ୍ରାୟ ୪ ଲକ୍ଷ ଟଙ୍କା ଏଥିପାଇଁ ବରାଦ କରାଯାଇଛି। ବାକି ଦ୍ୱିତୀୟ ଦିନର ସ୍ନାକ୍ସ ବ୍ୟବସ୍ଥା ବିଭାଗ ପକ୍ଷରୁ କରାଯାଇଥିବା ସେ କହିଛନ୍ତି। ତେବେ ଯେଉଁ ଭଳି ଭାବେ ଟେଣ୍ଡର ଡକାଯାଇଥିଲା ସେହି ଅନୁସାରେ ଆୟୋଜନ କରାଯାଇ ନ ଥିବା ଅଭିଯୋଗ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ୧୯ ତାରିଖରେ ଏହି ଟେଣ୍ଡର ଆହ୍ୱାନ କରାଯାଇଥିବା ବେଳେ ୨୬ ତାରିଖରେ ଟେଣ୍ଡର ଖୋଲା ଯାଇଥିଲା; କିନ୍ତୁ ଏହାର ଦୁଇ ତିନି ପୂର୍ବରୁ ଟେଣ୍ଟ କାମ କରାଯାଇଥିବା ଅଭିଯୋଗ ହୋଇଛି। ଟେଣ୍ଡର ପ୍ରକ୍ରିୟାରେ କେତେ ସ୍ୱଚ୍ଛତା ଅବଲମ୍ବନ କରାଯାଇଛି ତାହା ଅନୁମାନ କରାଯାଇପାରେ। କାହା ଇଙ୍ଗିତରେ ପୂର୍ବରୁ କାମ ଆରମ୍ଭ କରାଯାଇଥିଲା ତାହା ତଦନ୍ତ ସାପେକ୍ଷ। ସ୍ୱଚ୍ଛତାକୁ ଜଳାଞ୍ଜଳି ଦେଇ ଟେଣ୍ଡର ପ୍ରକ୍ରିୟାରେ ଏପଟ ସେପଟ କରାଯାଇଥିବା ବେଳେ ଆୟୋଜନ ଓ ପରିଚାଳନାରେ କେତେ ସ୍ୱଚ୍ଛତା ଅବଲମ୍ବନ କରାଯାଇଥିଲା ବୋଲି ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଶ୍ନ ଉଠାଇଛନ୍ତି। ତେବେ ଏନେଇ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇଙ୍କୁ ପଚାରିବାରୁ ବ୍ୟକ୍ତିଗତ ଭାବେ ମୁଁ ନିଜେ ୫ ଦିନ ଏହି କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ପରିଶ୍ରମ କରିଛି। ସେହିଭଳି କିଛି ଅନିୟମିତତା ହୋଇନାହିଁ। ଟେଣ୍ଡର ବାହାରେ ମଧ ଅନେକ କାମ ଅଧିକ କରାଯାଇଛି। ଟେଣ୍ଡର ବାହାରିବା ପୂର୍ବରୁ କାମ କରାଯିବା ଅଭିଯୋଗକୁ ସେ ସ୍ୱୀକାର କରିଛନ୍ତି। ଯେହେତୁ ଆୟୋଜନ ପାଇଁ ସମୟ କମ୍ ଥିଲା ତେଣୁ ଜଣକୁ କାମ ଆରମ୍ଭ କରିବାକୁ କୁହାଯାଇଥିଲେ। ନ ପାଇଲେ ପୁଣି ସେ ସବୁ ବାହାର କରିଦେଇଥାନ୍ତେ ବୋଲି ସେ କହିଛନ୍ତି। ଏଥିରୁ ସ୍ପଷ୍ଟ ଯେ ନିର୍ଦ୍ଦିଷ୍ଟ ଟେଣ୍ଟ ମାଲିକଙ୍କ ସହ ମିଶି ଏହି କାରବାର ଶିକ୍ଷା ବିଭାଗର କିଛି ଅଧିକାରୀ କରିଥିବା ଅଭିଯୋଗ ହୋଇଛି।

## ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଯାପିତ



ବଲାଙ୍ଗିର,୩୧।୧(ସମିସ): ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ-୨୦୨୬ ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାରଙ୍କ ସଭାପତିତ୍ୱରେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ ନାଗଙ୍କ ଆହ୍ୱାନ କ୍ରମେ ପିଆର ହାଇସ୍କୁଲ ଖେଳ ପଡିଆରେ ଦୁଇ ଦିନିଆ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସାଂସଦ ସଙ୍ଗୀତା ସିଂହଦେଓ, ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରବୀର ପଣ୍ଡା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରୀନା କୁମାରୀ ବେହେରା, ସେବାଶ୍ରୀ ଭୋଇ, ଜିଲ୍ଲା ବିଜ୍ଞାନ ତତ୍ତ୍ୱାବଧାରକ ନବଘନ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଅତିଥି ଭାବେ ମଞ୍ଚାସୀନ ଥିଲେ।

## ବିକଶିତ ଭାରତ ଜୀ ରାମ ଜୀ ବିଲ୍-୨୦୨୫ ଆଇନ କର୍ମଶାଳା



ବଲାଙ୍ଗିର,୩୧।୧(ସମିସ): ଭୀମ ଭୋଇ ମେଡିକାଲ ପ୍ରେକ୍ଷାଳୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରୋଜଗାର ଏବଂ ଜୀବିକା ପାଇଁ ଗ୍ୟାରେଣ୍ଟି ମିଶନ (ଗ୍ରାମୀଣ) ବିକଶିତ ଭାରତ ଜୀ ରାମ ଜୀ ବିଲ୍-୨୦୨୫ ଆଇନ ଉପରେ ଏହା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତରାଜ ଏବଂ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଲୋକସଭା ସାଂସଦ ସଙ୍ଗୀତା ସିଂହଦେଓ, ଟିଟିଲାଗଡ ବିଧାୟକ ନବୀନ ଜୈନ, ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା ପ୍ରମୁଖ ମଞ୍ଚାସୀନ ଥିଲେ।

## ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ସମୀକ୍ଷା



ବଲାଙ୍ଗିର,୩୧।୧(ସମିସ): ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କଓ୍ୱାଲ ଟିଟିଲାଗଡ଼ - ସମ୍ବଲପୁର ରେଳ ସେକ୍ସନ ନୀରିକ୍ଷଣ କରିଛନ୍ତି। ରେଳ ସେକ୍ସନର ବିଭିନ୍ନ ଷ୍ଟେସନରେ ନିରାପତ୍ତା ବ୍ୟବସ୍ଥା, ଟ୍ରାଫିକ୍, ଯାତ୍ରୀଙ୍କ ସୁବିଧା ଏବଂ ଭିତ୍ତିଭୂମି କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ। ଟିଟିଲାଗଡ, ବଡ଼ମାଲ, ବଲାଙ୍ଗିର, ବରପାଲି, ହୀରାକୁଦ ଏବଂ ସମ୍ବଲପୁର ସମେତ ବିଭିନ୍ନ ଷ୍ଟେସନରେ ଟ୍ରାଫିକ, ଯାତ୍ରୀଙ୍କ ସୁବିଧା ତଥା ଭିତ୍ତିଭୂମି ବିକାଶ ପ୍ରକଳ୍ପର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ନିରାପଦ ଏବଂ ସୁଗମ ଟ୍ରେନ୍ ଚଳାଚଳ କାର୍ଯ୍ୟ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଆବଶ୍ୟକ ସତର୍କତା ଅବଲମ୍ବନ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯାତ୍ରୀ ସୁବିଧା ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଥିବା ଅନେକ ଭିତ୍ତିଭୂମି ପ୍ରକଳ୍ପର ଅଗ୍ରଗତି ଉପରେ ସମୀକ୍ଷା କରିଥିଲେ। ଅମୃତ ଷ୍ଟେସନ ଯୋଜନା ଅଧୀନରେ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟର ଅଗ୍ରଗତି ଉପରେ ଧ୍ୟାନ ଦେଇଥିଲେ। ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡିକ ଠିକ୍ ସମୟରେ ଶେଷ ହେବା ଉପରେ ଗୁରୁତ୍ୱ ଦେଇଥିଲେ। ମହାପ୍ରବନ୍ଧକଙ୍କ ଏହି ନୀରିକ୍ଷଣ ସମୟରେ ସମ୍ବଲପୁର ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧରୀ ଉପସ୍ଥିତ ଥିଲେ।

## କଣ୍ଟାବାଞ୍ଜି ଆଞ୍ଚଳିକ ସାଧନ କେନ୍ଦ୍ରରେ ମାସିକ କ୍ଲଷ୍ଟର ବୈଠକ



କଣ୍ଟାବାଞ୍ଜି,୩୧।୧(ସମିସ): କଣ୍ଟାବାଞ୍ଜି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚଳିତ ମାସ ମାସିକ କ୍ଲଷ୍ଟର୍ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ କଣ୍ଟାବାଞ୍ଜି ଆଞ୍ଚଳିକ ସାଧନ କେନ୍ଦ୍ରର ସମସ୍ତ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଓ ଏଫ୍‌ଏଲ୍‌ଏନ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। କଣ୍ଟାବାଞ୍ଜି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିନେଶ ମହାନନ୍ଦ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସବିତା ମହାପାତ୍ର ଧନ୍ୟବାଦ୍ ଦେଇଥିଲେ। ସ୍ୱର୍ଣ୍ଣପ୍ରଭା ଦାସ, ଶିକ୍ଷୟିତ୍ରୀ ସବିତା ମହାପାତ୍ର, ନିରୁପମା ମିଶ୍ର, ସବିତା ରଣା, ଦୀପା ନାୟକ, ଯଶୋଦା ବିଡିକା, ଅଞ୍ଜଳି ନାୟକ, ସୁଜାତା ଧରୁଆ, ଭାରତୀସାହୁ, ସୁଜାତା ସାହୁ, ସୁନନ୍ଦା ପୁରୋହିତ, ମୁକ୍ତା ବେଜ, ସଂଘମିତ୍ରା ପାଣିଗ୍ରାହୀ, ଶିକ୍ଷକ ଜାନକୀ ରାମ ସାମବେଦମ୍, ଲଳିତ ବିଶି, ସଚିଦାନନ୍ଦ ପାତ୍ର, ନମିତା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।


## ଭୂମିସୂତା ପାଢୀଙ୍କ ପରଲୋକ



ବଲାଙ୍ଗିର,୩୧।୧(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ସାଲେପାଲିର ଭୂମିସୂତା ପାଢୀ(୭୮)ଙ୍କ ପରଲୋକ ଘଟିଛି। ସେ ଅବସରପ୍ରାପ୍ତ ଶିକ୍ଷକ ସଚ୍ଚିଦାନନ୍ଦ ପାଢୀଙ୍କ ପତ୍ନୀ। ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ବଲାଙ୍ଗିରର ଏକ ଘରୋଇ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ବରଗଡ଼ର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କ ମୃତ୍ୟୁ ଘଟିଥିଲା। ଗାଁରେ ମୃତଦେହ ପହଞ୍ଚିବା ପରେ ସାଲେପାଲି ଗାଁ ନଦୀକୂଳ ନିକଟରେ ଅନ୍ତିମ ସତ୍କାର କରାଯାଇଥିଲା। ବଡ଼ପୁଅ ଅଧ୍ୟାପକ ପ୍ରଶାନ୍ତ ପାଢ଼ୀ ମୁଖାଗ୍ନି ଦେଇଥିଲେ।

## ଶାଗୁଆନ କାଠପଟା ବୋଝେଇ ଗାଡ଼ି ଜବତ

- ଗୋଟିଏ ବାଇକ, କାଠକଟା ସାମଗ୍ରୀ ଜବତ
- ବନ ବିଭାଗ ଦ୍ୱାରା ୫ ଜଣ ଅଟକ



ଦେଓଗାଁ,୩୧।୧(ସମିସ): ଗୁଡଭେଲା ବ୍ଲକ୍ ଚିଞ୍ଚେଡ ଗାଁର ଜଣେ ବ୍ୟକ୍ତିଙ୍କ ଘରୁ ଶନିବାର ଅପରାହ୍ନରେ ବଲାଙ୍ଗିର ବନ ବିଭାଗ ଲକ୍ଷାଧିକ ଟଙ୍କାର କାଠପଟା ଜବତ କରିଛି। ଏହି ଘଟଣାରେ ୫ଜଣ କାଠୁରିଆଙ୍କୁ ଅଟକ ରଖି ଅଧିକ ତଦନ୍ତ ଚଳାଇଛି। କାଠ କାରବାରର ମୁଖ୍ୟ ବିଶି ରଣା ଫେରାର ହୋଇ ଯାଇଛି। ମୋବାଇଲ ଟିମ୍‌ର ରେଞ୍ଜର ସୁନୀଲ ମିଶ୍ର ସୂଚନା ଦେଇଛନ୍ତି ଯେ, ବିଶେଷ ସୂତ୍ରରୁ ଖବର ପାଇ ଜିଲ୍ଲା ବନଖଣ୍ଡ ଅଧିକାରୀ ଅଜିତ ବିଶିଙ୍କ ନିର୍ଦ୍ଦେଶ କ୍ରମେ ରେଞ୍ଜର ନବୀନ ପଣ୍ଡା ଓ ଫରେଷ୍ଟର ବ୍ୟାସଦେବ ସାହୁଙ୍କ ତତ୍ତ୍ୱାବଧାନରେ ମୋବାଇଲ ଟିମ୍ ଓ ଦେଓଗାଁ ବନ ବିଭାଗର କର୍ମଚାରୀ ବିଶି ରଣାଙ୍କ ଘରେ ଚଢ଼ଉ କରିଥିଲା। ସେଠାରେ ୫ଜଣ କାଠୁରିଆ କାଠ ସାମଗ୍ରୀ ପ୍ରସ୍ତୁତ କରୁଥିବାବେଳେ ସେମାନଙ୍କୁ ଗିରଫ କରାଯାଇଛି। ଶାଗୁଆନ କାଠପଟା, ଗଣ୍ଡି, ଯନ୍ତ୍ରାଂଶ ସମେତ ଗୋଟିଏ ବାଇକକୁ ଜବତ କରି ଦେଓଗାଁ ରେଞ୍ଜ କାର୍ଯ୍ୟାଳୟକୁ ଅଣା ଯାଇଛି।

## ବ୍ୟାଙ୍କ ପରିଚାଳକଙ୍କ ବଦଳି ଦାବିରେ ତାତିଲେ ଗ୍ରାହକ



ଦେଓଗାଁ,୩୧।୧(ସମିସ): ସ୍ଥାନୀୟ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଶାଖା ପରିଚାଳକଙ୍କ ବଦଳି ଦାବିରେ ଉତ୍ତେଜନା ଦେଖା ଦେଇଛି। ବ୍ୟାଙ୍କ ସମ୍ମୁଖରେ ଗ୍ରାହକ ତଥା ଚାଷୀମାନେ ଧାରଣା ଦେବା ସହ ପ୍ରତିବାଦ କରିଥିଲେ। ଚଳିତ ବର୍ଷ ଧାନ ବିକ୍ରିର ସରକାରୀ ସହାୟକ ମୂଲ୍ୟ ଡିବିଟି ମାଧ୍ୟମରେ ପଇଠ ହେଉଛି। ଅନେକ ଚାଷୀଙ୍କ ଧାନବିକ୍ରି ଟଙ୍କା ଓଡିଶା ଗ୍ରାମୀଣ ବ୍ୟାଙ୍କରେ ଜମା ହୋଇଛି। ଚାଷୀମାନେ ଟଙ୍କା ଉଠାଇବା ପାଇଁ ଆସି ବ୍ୟାଙ୍କ ସମ୍ମୁଖରେ ଅପେକ୍ଷା କରୁଛନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷ ଅତିବେଶୀରେ ୧୦ ହଜାର ଟଙ୍କା ଦିଆଯାଇପାରିବ ବୋଲି କହୁଛନ୍ତି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ବ୍ୟାଙ୍କ ପରିଚାଳକ ଅଣ ଓଡ଼ିଆ ହେତୁ ସମସ୍ୟା ହେଉଛି। କଥା କଥାରେ ସେ ଗ୍ରାହକଙ୍କ ଉପରେ ରାଗିଯାଉଛନ୍ତି। ପରେ ଆସିବା ପାଇଁ କହୁଛନ୍ତି। ଏହାକୁ ଲୋକେ ଲୋକେ ବ୍ୟାଙ୍କ ଆଗରେ ପାଟିତୁଣ୍ଡ କରିଥିଲେ।

## ସାଲେଭଟା ପୋଖରୀ ନିକଟରୁ କ୍ଷତାକ୍ତ ଶବ ଉଦ୍ଧାର ଘଟଣା


# ପୁଲିସ ତଦନ୍ତରେ ଅସନ୍ତୁଷ୍ଟ ପରିବାର ଏସ୍‌ପିଙ୍କ ଦ୍ୱାରସ୍ଥ



ବଲାଙ୍ଗିର,୩୧।୧(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ସାଲେଭଟା ବଜାର ନିକଟ ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣାକୁ ନେଇ ପରିବାର ଲୋକେ ଖୋଲାଖୋଲି ଅସନ୍ତୋଷ ପ୍ରକାଶ କରିଛନ୍ତି। କିସନ ମହାପାତ୍ର (୪୦)ଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ପୁଲିସ ପାଖରେ ଅଭିଯୋଗ କରିଛନ୍ତି। ପୁଲିସ ସେଥିପ୍ରତି ଗୁରୁତ୍ୱ ଦେଉନି। ଅପମୃତ୍ୟୁ ମାମଲା ରୁଜୁ କରି ଚୁପ୍ ବସିଛି। ଏହାକୁ ନେଇ ଶନିବାର ପରିବାର ଲୋକେ ଏସ୍‌ପିଙ୍କୁ ଅଭିଯୋଗ କରିଛନ୍ତି। ଆରମ୍ଭରୁ ହିଁ ପୁଲିସ ଏହି ମାମଲାକୁ ଗୁରୁତ୍ୱ ଦେଉନି। ନିଜକୁ ସୁହାଇଲା ଭଳି ଲିଖିତ ଅଭିଯୋଗ ଲେଖାଇଥିବା କିସନଙ୍କ ବଡଭାଇ କିଶୋର ମାହାପତ୍ର ଅଭିଯୋଗ କରିଛନ୍ତି।

ଅଭିଯୋଗକ୍ରମେ ଗତ ୧୯ ତାରିଖରେ ଲୋଇସିଂହା ଥାନା ସାଲେଭଟା ଫାଣ୍ଡିରୁ ମାତ୍ର କିଛି ମିଟର ଦୂରରେ ରହିଥିବା ବଜାର ନିକଟସ୍ଥ ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ମୃତ ଯୁବକଙ୍କ ମୁହଁ କଳା ପଡିଯାଇଥିବା ବେଳେ ପେଟରେ କ୍ଷତ ଚିହ୍ନ ରହିଥିବା ଦେଖିବାକୁ ମିଳିଥିଲା। ପରେ ମୃତଦେହଟି ସାଲେଭଟା ଗାଁର କିସନ ମହାପାତ୍ରଙ୍କ ବୋଲି ସ୍ପଷ୍ଟ ହୋଇଥିଲା। ତେବେ କିସନ ପୂର୍ବ ଦିନ ଅର୍ଥାତ ୧୮ ତାରିଖରେ ଦୋକାନ ଯିବାକୁ କହି ଘରୁ ବାହାରି ଆଉ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ନ ପାଇବାରୁ ସେହିଦିନ ରାତିରେ ହିଁ ଥାନାରେ ଲିଖିତ ଅଭିଯୋଗ କରିବାକୁ ଯାଇଥିବା ବେଳେ ଫାଣ୍ଡି ଅଧିକାରୀ ନ ଥିବାରୁ ଘରକୁ ଚାଲିଆସିଥିଲେ। ଏହା ପର ଦିନ ମୃତଦେହ ମିଳିବା ପରେ ପୁଲିସ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏହା ସହିତ ଫାଣ୍ଡିରେ ନିଜକୁ ସୁହାଇବା ଭଳି ଲିଖିତ ଅଭିଯୋଗ ଗ୍ରହଣ କରିଥିବା ବଡଭାଇ କିଶୋର ମାହାପତ୍ର ଅଭିଯୋଗ କରିଛନ୍ତି। ମୃତଦେହକୁ ଦେଖିଲେ ତାଙ୍କୁ କେହି ହତ୍ୟା କରିଥିବା ସ୍ପଷ୍ଟ ହେଉଥିବା ବେଳେ ପୁଲିସ ସେହି ଦିଗରେ ତଦନ୍ତ କରି ନ ଥିବା ସେ କହିଛନ୍ତି। ଏପରିକି ହତ୍ୟା ଅଭିଯୋଗ ଆଣି ସାଇଣ୍ଟିଫିକ ଟିମ ଡକାଇବାକୁ ପରିବାର ଲୋକେ ଅନୁରୋଧ କରିଥିବା ବେଳେ ପୁଲିସ ସେଥିରେ ବି ବିଳମ୍ବ କରିଥିବା ସେ କହିଛନ୍ତି। ତେବେ ତାଙ୍କ ଭାଇ କିସନ ଗୋଟିଏ ଦିନରୁ ନିଖୋଜ ଥିବା ବେଳେ ତାଙ୍କ ମୁହଁ କେମିତି କଳା ପଡିଲା, ପେଟରେ କେମିତି କ୍ଷତ ଚିହ୍ନ ହେଲା ତାକୁ ନେଇ ଅନେକ ସନ୍ଦେହ ରହିଥିବା ଅଭିଯୋଗ ହୋଇଛି। ଏତେ ସବୁ ପରେ ବି ପୁଲିସ ପ୍ରାୟ ୧୩ ଦିନ ହେଲା ଏହି ମାମଲାକୁ ସ୍ପଷ୍ଟ କରିନାହିଁ। କିସନଙ୍କୁ ହତ୍ୟା କରାଯାଇଛି ନା ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କ ସହ ଆଉ କିଛି ଘଟିଛି ତାହା ବି ପୁଲିସ ସ୍ପଷ୍ଟ କରିନାହିଁ। ଫାଣ୍ଡିରୁ ମାତ୍ର କିଛି ଦୂରତାରେ ଅବାଧ ଭାବେ ମଦ ବିକ୍ରି ହେଉଥିବା ବେଳେ ସେହିଠାରେ କିଛି ଗଣ୍ଡଗୋଳ ହୋଇଥାଇପାରେ ବୋଲି ମଧ ପରିବାର ଲୋକେ ସନ୍ଦେହ କରିଛନ୍ତି। ଏଣୁ ଲୋଇସିଂହା ପୁଲିସ ମାମଲାକୁ ସଂପୂର୍ଣ୍ଣ ଭାବେ ଅଣଦେଖା କରୁଥିବା ଅଭିଯୋଗରେ ଶନିବାର ବଡଭାଇ କିଶୋର ମାହାପାତ୍ର ନିଜ ମା'ଙ୍କୁ ନେଇ ଏସପି ଅଫିସର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଏସପି ଅଭିଲାଷ ଜି. ଙ୍କ ସହ ଆଲୋଚନା କରିଛନ୍ତି।

- ଅପମୃତ୍ୟୁ ମାମଲା ରୁଜୁ କରି ବସି ପଡିଛି ପୁଲିସ
- ମାମଲାକୁ ଅଣଦେଖା, ୧୩ ଦିନ ହେଲା ନ୍ୟାୟ ଆଶାରେ ପରିବାର



## ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲର ବାର୍ଷିକ ଉତ୍ସବ



ଦେଓଗାଁ,୩୧।୧(ସମିସ): ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅମ୍ବରିଶ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଡିଓ ପ୍ରିୟରଞ୍ଜନ କୁମାର, ବନ୍ଧପାଲି ଉନ୍ନିତ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ବେହେରା, ବ୍ଲକ ଶିକ୍ଷାଧିକାରୀ ମମତା ମାହାଡିକ, ବସନ୍ତ ଅଗ୍ରୱାଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ପ୍ରତାପ ଚନ୍ଦ୍ର ମିଶ୍ର ସଭା ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ରଶ୍ମିତା ସାଙ୍କ ପରିଚାଳନାରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ବଳଦେବ ମାଝୀ ପ୍ରମୁଖ ସହଯୋଗ କରିଥିଲେ।

# ଖପ୍ରାଖୋଲ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଖପ୍ରାଖୋଲ, ୩୧।୧(ସମିସ): ସ୍ଥାନୀୟ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭେଡେନ ବିଡିଓ କର୍ଣ୍ଣ ସୁନା, ବରିଷ୍ଠ ସାମ୍ବାଦିକ ଡ. ଅଭୟ ତ୍ରିପାଠୀ, ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିନବ ମିଶ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ର ଦେବ ଷଡଙ୍ଗୀ, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ର, ଅବସରପ୍ରାପ୍ତ ଶିକ୍ଷକ ରାଜାରାମ ବେହେରା, ସାମ୍ବାଦିକ ବିମଳ ରଞ୍ଜନ ସାହୁ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିକ୍ଷକ ସହଦେବ ବେହେରା ବିବରଣୀ ପଠନ କରିଥିଲେ। ଶିକ୍ଷକ ଓମ୍‌ପ୍ରକାଶ ମେହେର ଓ ହିନ୍ଦୀ ଶିକ୍ଷକ ମୁରଲୀଧର ମେହେର ସଭା ପରିଚାଳନା କରିଥିଲେ। ବିଦ୍ୟାଳୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନୀତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଧାନ ଶିକ୍ଷକ ଇସପାଳ ସୁନା ସଭାପତିତ୍ୱ କରିଥିଲେ। ଶିକ୍ଷକ ବିଜୟମେହେର, ସୁନୀଲ ପାତ୍ର, ସମୀର ଦେବ ଚୌହାନ, ଭୂପେନ୍ଦ୍ର ମାଝୀ, ଜନ୍ମଜୟ ଧରୁଆ, ଭୋଜରାଜ ଗହିର, ସଞ୍ଜୀବ ନାଏକ, ଶିକ୍ଷୟତ୍ରୀ ବାସନ୍ତୀ ଛୁରା, ସୋନାଲି ବାଗ, ନିହାରିକା ଦଳପତି, ରିନା ପାତ୍ର, ରୁକ୍ମଣୀ ମିଶ୍ର, ଶିବାନୀ ଦାଶ, ସଙ୍ଗୀତା ଗଡତ୍ୟା, ମମତା ଧୀବର, ବରିଷ୍ଠ କିରାଣୀ ରମାକାନ୍ତ ଭୋଇ ପ୍ରମୁଖ ସହଯୋଗ କରିଥିଲେ।



## ସମ୍ପୂର୍ଣ୍ଣତା ଅଭିଯାନ ସମାରୋହ




ବଲାଙ୍ଗିର,୩୧।୧(ସମିସ): ଭୀମ ଭୋଇ ମେଡିକାଲକଲେଜଓହସପିଟାଲସମ୍ମିଳନୀ କକ୍ଷରେ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଅଧୀନ ସମ୍ପୂର୍ଣ୍ଣତା ଅଭିଯାନର ସମାରୋହ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଯୋଗ ଦେଇଥିଲେ।

ଅନନ୍ୟ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା, ସାଂସଦ ପ୍ରତିନିଧି ଦିନେଶ ଶର୍ମା, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ପରିବାର କଲ୍ୟାଣ ଅଧିକାରୀ ଡା. ପୁଷ୍ପାଞ୍ଜଳି ମିଶ୍ର, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ସୁଷୁମା ମହାପାତ୍ର, ଜିଲ୍ଲା କୃଷି ଅଧିକାରୀ ଧୀରେନ ସିଂ ବରିହା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସକାଳେ ସ୍ଥାନୀୟ କୋଶଳ କଳା ମଣ୍ଡଳଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା।

ସକାଳ THE SAKALA



www.sakalaepaper.com

# ୨୫ ଦିନ ହେଲା ପାନୀୟ ଜଳରୁ ବଞ୍ଚିତ ୧୫ ପରିବାର

ଶଗଡା, ୩୧।୧(ସମିସ)



ଖରା ଆରମ୍ଭ ନ ହେଉଣୁ ଦେଖିବାକୁ ଜଳକଷ୍ଟ ମିଳିଲାଣି । କଣ୍ଟାମାଳ ବ୍ଲକ ଦପଲା ପଞ୍ଚାୟତ ଯାନିମୁଣ୍ଡା ଗ୍ରାମର ମେହେର ସାହିରେ ଥିବା ନଳକୂପଟି ଦୀର୍ଘ ୨୫ ଦିନରୁ ଅଧିକ ହେବ ଅଚଳ ହୋଇ ପଡି ରହିଛି । ଏହା ଫଳରେ ଗ୍ରାମର ୧୫ ପରିବାରର ୫୦ ଜଣ ଲୋକ ପାଣି ପାଇଁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ନଳକୂପ ଖରାପ ହେବାର ୨୪ ଘଣ୍ଟା ମଧ୍ୟରେ ଏହାର ମରାମତି କରିବାକୁ ସରକାରୀ ନିର୍ଦ୍ଦେଶ ଅଛି । ଜଳ ଓ ପରିମଳ ବିଭାଗ କିନ୍ତୁ ଏହାକୁ ବେଖାତିର କରୁଥିବା ଅଭିଯୋଗ ହୋଇଛି ।

ଅଚଳ ନଳକୂପକୁ ମରାମତି କରିବା ପାଇଁ ଅନେକ ଥର ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରି ଆସୁଛନ୍ତି । ଆଜି ପର୍ଯ୍ୟନ୍ତ କିନ୍ତୁ ଏହାର ମରାମତି କରା ନ ଯିବା ପରିତାପର ବିଷୟ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ଖରା ଆରମ୍ଭ ନ ହେଉଣୁ ଜଳ ଯନ୍ତ୍ରଣା ଦେଖା ଦେଇଥିବା ବେଳେ ଆଗକୁ ପରିସ୍ଥିତି ଆହୁରି ଅସମ୍ଭାଳ ହେବ ବୋଲି ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି । ଅଚଳ ନଳକୂପକୁ ଖୁବ ଶୀଘ୍ର ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ବୌଦ୍ଧ ଜିଲ୍ଲା ହାବିଲଦାର ଓ କନେଷ୍ଟବଳ ସଂଘର ଶପଥ ଗ୍ରହଣ ଉତ୍ସବ



ବୌଦ୍ଧ,୩୧।୧(ସମିସ): ବୌଦ୍ଧ ଟାଉନ ହଲରେ ଜିଲ୍ଲା ହାବିଲଦାର ଓ କନେଷ୍ଟବଲ ସଂଘର ନବ ନିର୍ବାଚିତ କାର୍ଯ୍ୟକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଭାପତି ଭାବେ ବୁଲୁ ମିଶ୍ର, ଉପସଭାପତି ଭାବେ ଆଲୋକ ସିଂ କହଁର, ସଂପାଦକ ଭାବେ ରଂଜିତ ପଣ୍ଡା, ସହସଂପାଦକ ଭାବେ ଷଣ୍ମେଶ୍ୱର କର୍ଣ୍ଣ, କୋଷାଧ୍ୟକ୍ଷ ଭାବେ ଯୋଶବନ୍ତ ପ୍ରଧାନ, ସଦସ୍ୟ ଭାବେ ପୂର୍ଣ୍ଣଚନ୍ଦ୍ର ସାହୁ, ନାରାୟଣ ସାହୁ, ଜଗତ ମୋହନ ନାୟକ, କୃଷ୍ଣଚନ୍ଦ୍ର ସାହୁ ଶପଥ ଗ୍ରହଣ କରିଥିଲେ ।

କାର୍ଯ୍ୟକ୍ରମରେ ଡିଏସପି ଗୌରଙ୍ଗ ଚରଣ ସାହୁ ଶପଥ ପାଠ କରାଇଥିଲେ । ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ, ଏସଡିପିଓ ଲରେନ ରାଉତରାୟ, ଆରଆଇ ପ୍ରଦୀପ ଓରାମ, ବୌଦ୍ଧ ଥାନା ଅଧିକାରୀ ନଳିନୀ କାନ୍ତ ଦାସ, ସର୍ଜେଣ୍ଟ ଖଗେଶ୍ୱର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

## ଶିଶୁ ସୁରକ୍ଷା, ଶିଶୁ ଅଧିକାର ସଚେତନତା କାର୍ଯ୍ୟକ୍ରମ

ବୀରମହାରାଜପୁର,୩୧।୧(ସମିସ): ଜଟେସିଂହା ଉଚ୍ଚ ବିଦ୍ୟାଳୟ, ସୁବଳୟା ଏବଂ ଅମରପାଲି ଉଚ୍ଚ ବିଦ୍ୟାଳୟରେ ଶିଶୁ ସୁରକ୍ଷା ଓ ଅଧିକାର ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶିଶୁ ଅଧିକାର, ଶିଶୁ ବିବାହ ଓ ଶିଶୁ ହେଲ୍ପଲାଇନ୍ ନମ୍ବର ୧୦୯୮ ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଉପରେ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରକଳ୍ପ ସଂଯାଜକ ସୁଜିତ୍ ମିଶ୍ର, କାଉନସେଲର ସୁଧୀର ଦାସ, ସୁପରଭାଇଜର ଧର୍ମେନ୍ଦ୍ର ଦାସ, ଶଙ୍କର୍ଷଣ ପଣ୍ଡା, ଗୌତମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଶତାଧିକ ଶିଶୁ ଯୋଗ ଦେଇଥିଲେ ।

## ଭାରସାମ୍ୟ ହରେଇ କାର୍ ଦୁର୍ଘଟଣା ଗ୍ରସ୍ତ ଦୁର୍ଘଟଣାରେ ସ୍ୱାମୀ ଜଣେ ମୃତ; ସ୍ତ୍ରୀ, ପୁଅ ଗୁରୁତର

ବୀରମହାରାଜପୁର,୩୧।୧(ସମିସ): ବୀରମହାରାଜପୁର-ରେଢ଼ାଖୋଲ ରାସ୍ତା ପିତମହୁଲ୍ ନିକଟରେ ଭାରସାମ୍ୟ ହରାଇ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ ଗୋଟିଏ ପରିବାରର ଜଣକଙ୍କ ମୃତ୍ୟୁ ଘଟିଛି । ତାଙ୍କ ସ୍ତ୍ରୀ ଓ ପୁଅ ଗୁରୁତର ହୋଇଛନ୍ତି । ମୃତକ ଜଣକ ଅନୁଗୁଳ ଜିଲ୍ଲା ରେଙ୍ଗାଲି ଅଞ୍ଚଳର ଅଶୋକ ଗଡନାଏକ । ସେ ନିଜ ପରିବାର ସହ ଏକ କାର (ଓଡି ୨୬ ୯୮୦୦) ଯୋଗେ ଭବାନୀପାଟଣାରୁ ନିଜ ଗାଁ ଅନୁଗୁଳ ଜିଲ୍ଲା ରେଙ୍ଗାଲି ଅଞ୍ଚଳକୁ ଯାଉଥିଲେ । ସୁବଳୟା ଥାନା ପିତମହୁଲ୍ ନିକଟସ୍ଥ ବାଉରୀଯୋର ନିକଟରେ ଗାଡିଟି ଭାରସାମ୍ୟ ହରାଇଥିଲା । ରାସ୍ତା କଡର ଏକ ଗଛରେ ପିଟି ହୋଇ କାରଟି ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ । ସେଠାରେ ଡାକ୍ତର କାର୍ ଚାଳକ ତଥା ପରିବାର ମୁଖ୍ୟ ଅଶୋକଙ୍କୁ ମୃତ ଘୋଷଣା କରିଥିଲେ । ତେବେ ତାଙ୍କ ପୁଅ ଓ ସ୍ତ୍ରୀ ମୋନାଲିସା ଚିକିତ୍ସିତ ହେଉଛନ୍ତି ।

## ଗୁଦଗୁଦା ପଞ୍ଚମ ମା' ପଞ୍ଚଖଣ୍ଡା କ୍ରିକେଟ କପ୍
# ସେମିଫାଇନାଲରେ ବଡ଼ଖମାର



ବୀରମହାରାଜପୁର,୩୧।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଗୁହୁଗୁଦାରେ ପଞ୍ଚମ ମା' ପଞ୍ଚଖଣ୍ଡା କ୍ରିକେଟ କପ୍ ଚାଲିଛି । ଲୁଦୁମୁଣ୍ଡାକୁ ହରାଇ ବଡ଼ଖମାର ସେମି ଫାଇନାଲରେ ପ୍ରବେଶ କରିଛି । ପ୍ରଥମ ମ୍ୟାଚ ବଡ଼ମାଳ ଓ ଲୁଦୁମୁଣ୍ଡା ମଧ୍ୟରେ ହୋଇଥିଲା । ବଡ଼ମାଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୭ଉଇକେଟ ହରାଇ ୭୧ ରନ୍ କରିଥିଲା । ଜବାବରେ ଲୁଦୁମୁଣ୍ଡା ୬ ଓଭରରେ ୬ ଉଇକେଟ ହରାଇ ୭୨ରନ୍ କରି ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚ ବଡ଼ଖମାର ଓ ଗୁହୁଗୁଦା ମଧ୍ୟରେ ହୋଇଥିଲା । ଏଥିରେ ବଡଖମାର ନିର୍ଦ୍ଧାରିତ ୧୦ ଓଭରରେ ୩ ଉଇକେଟ ହରାଇ ୧୯୬ ରନ କରିଥିଲା । ଜବାବରେ ଗୁହୁଗୁଦା ନିର୍ଦ୍ଧାରିତ ୧୦ ଓଭରରେ ୪ଉଇକେଟ ହରାଇ ୧୪୫ରନ କରି ପରାସ୍ତ ହୋଇଥିଲା । ତୃତୀୟ ମ୍ୟାଚ ପ୍ରଥମ ମ୍ୟାଚର ବିଜେତା ଲୁଦୁମୁଣ୍ଡା ଓ ଦ୍ୱିତୀୟ ମ୍ୟାଚର ବିଜେତା ବଡଖମାର ମଧ୍ୟରେ ହୋଇଥିଲା । ଏଥିରେ ବଡ଼ଖମାର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୬ ଉଇକେଟ ହରାଇ ୧୨୨ ରନ୍ କରିଥିଲା । ଜବାବରେ ଲୁଦୁମୁଣ୍ଡା ଦଳ ନିର୍ଦ୍ଧାରିତ ୮ ଓଭରରେ ସମସ୍ତ ଉଇକେଟ ହରାଇ ୬୬ ରନ କରି ପରାସ୍ତ ହୋଇଥିଲା । ଫଳରେ ବଡ଼ଖମାର ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି । ପୁରସ୍କାର ବିତରଣ ଉତ୍ସବରେ ଶିକ୍ଷକ ସଞ୍ଜୀବ ମିର୍ଦ୍ଧା ଓ ବେଲାରସେନ ଭୋଇ ଅତିଥି ଭାବେ ଯୋଗଦେଇ ପ୍ରଥମ ମ୍ୟାଚ୍ ପାଇଁ ଲୁଦୁମୁଣ୍ଡାର ପ୍ରକାଶ ମହାନନ୍ଦ, ଦ୍ୱିତୀୟ ମ୍ୟାଚ୍ ପାଇଁ ବଡ଼ଖମାରର ପ୍ରବୀଣ ହାତୀ ଓ ତୃତୀୟ ମ୍ୟାଚ୍ ପାଇଁ ବଡ଼ଖମାରର ସୋମନାଥ ନାଏକଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ । ହିରନ ପ୍ରଧାନ, ବବୁଲ ମିର୍ଦ୍ଧା ଆମ୍ପାୟର, ପ୍ରଦୀପ ପୁଟା ଓ ମୁକେଶ ଶେଠ୍ ସ୍କୋରିଂ ଏବଂ ସନତ ପଧାନ ଧାରାବିବରଣୀ ପ୍ରଦାନ କରିଥିଲେ ।

## ବିନିକା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଶୀର୍ବାଦ ସମାରୋହ

ବିନିକା,୩୧।୧(ସମିସ): ବିନିକା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଫୁଲମୁଠି)ଠାରେ ଆଶୀର୍ବାଦ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟ ଅଧ୍ୟକ୍ଷ ପଞ୍ଚାନନ ସାହୁ, ଅଧ୍ୟାପିକା ଗୀତାଞ୍ଜଳି ତ୍ରିପାଠୀ, ବୈଜୟନ୍ତୀ ସାହୁ, ଅଧ୍ୟାପକ ଅଶୋକ ବିଶି, ସବ୍ୟସାଚୀ ଦନ୍ତା, ଖେଳ ଶିକ୍ଷୟିତ୍ରୀ ବିଦ୍ୟୁଲତା କର ପ୍ରମୁଖ ଯୋଗ ଦେଇଥିଲେ । ଶିବ ନାରାୟଣ ମେହେର, ପ୍ରଦୀପ ମିଶ୍ର, ସଂଗୀତା ପୁରୋହିତ, ସୌମିତ୍ରୀ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

## ରାଧାକୃଷ୍ଣ ଉଚ୍ଚ ବିଦ୍ୟାପୀଠର ରୌପ୍ୟ ଜୟନ୍ତୀ

ଶଗଡା,୩୧।୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଶୁଣ୍ଢିପଦରସ୍ଥିତ ରାଧାକୃଷ୍ଣ ଉଚ୍ଚ ବିଦ୍ୟାପୀଠର ୨୫ ବର୍ଷ ପୂର୍ତ୍ତି ଅବସରରେ ୨ ଦିନ ଧରି ମହା ସମାରୋହରେ ରୌପ୍ୟ ଜୟନ୍ତୀ ପାଳିତ ହୋଇଛି । କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ବୌଦ୍ଧ ଜିଲ୍ଲା ପରିଷଦ ଅଧ୍ୟକ୍ଷ କିଶୋର ସାହୁ, ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଟଙ୍କଧର ସାହୁ, ଶୁଣ୍ଢିପଦର ସରପଞ୍ଚ ସୁଜାତା ଭୋଇ, ବାଉଁଶୁଣି +୨ କଲେଜର ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ, ପ୍ରଧାନ ଶିକ୍ଷକ ଉଦୟଭାନୁ ପଣ୍ଡା, କମ୍ବୁପାଣି ଯାନୀ, ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧ୍ରୁବଚରଣ ଘିବିଲା, ସୋନପୁର ରାଜ କଲେଜ ଅଧ୍ୟକ୍ଷ ଉମାକାନ୍ତି ନାଗ, ପ୍ରବୀର ଦାଶ, କଣ୍ଟାମାଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି, ସିଆରସିସି ନରେଶ ସୁନା, ସମିତି ସଭ୍ୟା ଶିଳାବତୀ ବସ୍ତିଆ, ବରଗୋଛା ସରପଞ୍ଚ ଲକି କର୍ମୀ, ବରଗୋଛା ସମିତି ସଭ୍ୟା ମମତା କହଁର, ସ୍କୁଲ ସଭାପତି ହିମାଂଶୁ ଶେଖର ବସ୍ତିଆ, ସାହିତ୍ୟିକ ସତ୍ୟନାରାୟଣ ମଲ୍ଲିକ, ସୋନପୁର କଲେଜ ଓଡିଆ ବିଭାଗର ମୁଖ୍ୟ ସୌରଭ ରଞ୍ଜନ ଖମାରି, ସତ୍ୟବାନ କର୍ଣ୍ଣ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ । ଶିକ୍ଷକ ଅକ୍ଷୟ ସାହୁ ମଞ୍ଚ ପରିଚାଳନା କରିଥିଲେ ।

## ବରିଷ୍ଠ ନାଗରିକଙ୍କ ବନ୍ଧୁମିଳନ



ବୀରମହାରାଜପୁର,୩୧।୧(ସମିସ): ସବୀରମହାରାଜପୁର ବ୍ଲକ୍ ସୁବଳୟା ହନୁମାନ ମନ୍ଦିର ପ୍ରାଙ୍ଗଣରେ ବ୍ଲକ୍‌ସ୍ତରୀୟ ବରିଷ୍ଠ ନାଗରିକମାନଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଖଣ୍ଡହତା ସଙ୍ଘ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୀରମହାରାଜପୁର, ସୁବଳୟା ଓ ଖଣ୍ଡହତାର ସଭ୍ୟସଭ୍ୟା ଯୋଗ ଦେଇଥିଲେ । ସୁବଳୟା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଭୋଳାନଥ କର୍ମୀ, ଅବସରପ୍ରାପ୍ତ ସ୍କୁଲ ଏସ୍‌ଆଇ କୃଷ୍ଣଚନ୍ଦ୍ର ପାଢ଼ୀ, ଦୟାନିଧି ହୋତା ଅତିଥି ଭାବେ ଯୋଗ ଦେଇଥିଲେ । ଖଣ୍ଡହତା ସଙ୍ଘର ସଭାପତି ତଥା ସମାଜସେବୀ ବ୍ରାଜଗୋପଲ୍ ମହାପାତ୍ର ସଭାପତିତ୍ୱ କରିଥିଲେ । ବରିଷ୍ଠ ସଦସ୍ୟ ଅନ୍ତର୍ଯ୍ୟାମୀ ରଥ, ଆଇନଜୀବୀ ନନ୍ଦିକିଶୋର ମିଶ୍ର, ଜ୍ଞାନେନ୍ଦ୍ର ପ୍ରସାଦ ତ୍ରିପାଠୀ ବକ୍ତବ୍ୟ ରଖିଥିଲେ । ଅକ୍ଷୟ ମିଶ୍ର, ସଭା ସଂଯୋଜନା ସହ ଧନ୍ୟବାଦ ପ୍ରଦାନ କରିଥିଲେ । ଗଙ୍ଗାଧର ସାହୁ ଅତିଥି ପରିଚୟ ଦେବା ସହ ସ୍ୱାଗତ ଭାଷଣ ଦେଇଥିଲେ ।

## କୁମ୍ଭାରମୁଣ୍ଡା ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ବୈଠକ



ତରଭା,୩୧।୧(ସମିସ): ଖଇରଭାଡ଼ି ଆଶ୍ରମ ବିଦ୍ୟାଳୟରେ ତରଭା ବ୍ଲକ୍ କୁମ୍ଭାରମୁଣ୍ଡା ଆଞ୍ଚଳିକ ସାଧନସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ସିଆରସିସି ସାରଙ୍ଗ ପଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ । ବୈଠକରେ କ୍ଲଷ୍ଟରର ୧୦ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଏଫ୍‌ଏଲ୍‌ଏନ୍ ଶିକ୍ଷକ ଯୋଗ ଦେଇଥିଲେ । ସିଆରସିସି ଶ୍ରୀ ପଧାନ ଜାନୁୟାରୀ ମାସର ଶୈକ୍ଷିକ କ୍ୟାଲେଣ୍ଡର, ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ବାର୍ଷିକ ପରୀକ୍ଷା -୨୦୨୫/୨୬ ମୌଳିକସ୍ତର ଶିକ୍ଷଣର ସର୍ବେକ୍ଷଣ, ବହୁଶ୍ରେଣୀ ପରିଚାଳନା, ସୋପାନ ରେଜିଷ୍ଟର, ଶ୍ରେଣୀ ପର୍ଯ୍ୟବେକ୍ଷଣ ସାଧନୀ, ବିଦ୍ୟାଳୟ ପରିଦର୍ଶନ ଓ ଆଲୋଚନା, ଜିଲ୍ଲା ଭିତ୍ତିକ ଶୈକ୍ଷିକ ଆଲୋଚନା, ନିପୁଣ ବିଦ୍ୟାଳୟ, ଶ୍ରେଣୀ ଅନୁଯାୟୀ ପଠନସ୍ତର ନିରୂପଣ ଆଦି ବିଷୟ ଆଲୋଚନା କରିଥିଲେ । ସ୍ଥାନୀୟ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୀନବନ୍ଧୁ ଭୁଏଙ୍କ ସହଯୋଗରେ ଅନୁଷ୍ଠିତ ବୈଠକରେ ଶିକ୍ଷକ ରୋହିତ କୁଅଁର, ତୁଷାରକାନ୍ତ ବିଶ୍ୱାଳ, ପ୍ରେମଚାନ୍ଦ ମାଝୀ, ପ୍ରମୋଦ ମେହେର, ରାଜକିଶୋର କୁମ୍ଭାର, ଜୟକୁମାର ସା, ଦୁଃଶାସନ ପଧାନ, ନରେନ୍ଦ୍ର ମାଝୀ, ମୁନୁ କୁମାର ମିଶ୍ର, ଶିକ୍ଷୟିତ୍ରୀ ମନ୍ଦୋଦରୀ ଭୋଇ, ଶ୍ରୀନିବାସ ସାହୁ, ଆଇଇଭି ଆଦିତ୍ୟ ମିଶ୍ର ଓ ନାରାୟଣ ରଣା ପ୍ରମୁଖ ଉପସ୍ଥିତ ଥିଲେ । ପରିଶେଷରେ ଶିକ୍ଷକ ଶୈଳେଶ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

## କ୍ଲଷ୍ଟରସ୍ତରୀୟ ମାସିକ ବୈଠକ



ଡୁଙ୍ଗୁରିପାଲି,୩୧।୧(ସମିସ): ବଡ଼ ଫଟାମୁଣ୍ଡା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ସହଳା କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି । କ୍ଲଷ୍ଟର ସିଆରସିସି ରଞ୍ଜନ ଦାଶ, ଶିକ୍ଷକ ଅଭିରାମ ବାରିକ, ଶିବପ୍ରସାଦ ରଣା, ଗୋପାଳ ଦାସ, କୈଳାସ ଚନ୍ଦ୍ର ସେଠ, ରମେଶ ସାଥୁଆ, ସହଦେବ ମେହେର, ଚକ୍ରଧର ବାରିକ, ଜ୍ୟୋତ୍ସ୍ନା ମାଝୀ, ସୁକାନ୍ତୀ ବାଗ, ଗାୟତ୍ରୀ ଷାଣ୍ଡ, ଆରତୀ ପଧାନ, ଉର୍କୁଲି ଭୁଏ ପ୍ରମୁଖ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ଶେଷରେ ଶିକ୍ଷକ ଦିବ୍ୟରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ସୋନପୁର ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବୀରମହାରାଜପୁର,୩୧।୧(ସମିସ): ସୋନପୁର ପିଏମ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ, ପ୍ରଧାନଶିକ୍ଷକ ସତ୍ୟନାରାୟଣ ହୋତା, ସୂଚାରୁବାଳା ଦେବୀ, ଏବିଇଓ କୃଷ୍ଣଚନ୍ଦ୍ର ପଣ୍ଡା, ଏବିଇଓ ଫକୀରଚରଣ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ଲକ୍ଷ୍ମଣ ମିଶ୍ର ସଭାପତିତ୍ୱ କରିଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ପ୍ରଜ୍ଞା ପରମିତା ଦାଶ ବାର୍ଷିକ ବୀବରଣି ପାଠ କରିଥିଲେ । ଶିକ୍ଷୟିତ୍ରୀ ଭାରତୀ ମେହେର ଧନ୍ୟବାଦ ଅର୍ପଣ ଦେଇଥିଲେ । ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ସିଆରସିସି ବୁଦ୍ଧଦେବ ସା, ସ୍କୁଲ ପରିଚାଳନା ସଭାପତି ଜେମା ବେହେର ଓ ଆଲୁମିନି ସଭାପତି ଗୀତା ଦରୁଆନ ଉପସ୍ଥିତ ଥିଲେ । ଶିକ୍ଷକ ବନମାଳୀ ପଧାନ ସଭାକାର୍ଯ୍ୟ ପରିଚାଳନା କରିଥିଲେ ।

## ଦାଦରପାଲି କ୍ରିକେଟ କପ୍ : ଦେଉଳମୁଣ୍ଡା ଚାମ୍ପିଅନ

ବୀରମହାରାଜପୁର,୩୧।୧(ସମିସ): ଦୁର୍ଜନତୈଲା ପଞ୍ଚାୟତର ଦାଦରପାଲିରେ ସପ୍ତମ ଦାଦରପାଲି କ୍ରିକେଟ କପ୍‌ର ଫାଇନାଲରେ ବ୍ରାହ୍ମଣୀପାଲିକୁ ହରାଇ ଦେଉଳମୁଣ୍ଡା ଚାମ୍ପିଅନ ହୋଇଛି । ପ୍ରଥମ ଫର୍ମାଟରେ ବ୍ରାହ୍ମଣୀପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୪ ଉଇକେଟ ହରାଇ ୭୬ ରନ୍ କରିଥିଲା । ଜବାବରେ ଦେଉଳମୁଣ୍ଡା ଦଳ ନିର୍ଦ୍ଧାରିତ ୬ ଓଭରରେ ୩ ଉଇକେଟ ହରାଇ ୪୪ ରନ୍ କରିଥିଲା । ଦ୍ୱିତୀୟ ଫର୍ମାଟରେ ଦେଉଳମୁଣ୍ଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ



୮ ଓଭରରେ ୬ ଉଇକେଟ ହରାଇ ୯୫ ରନ୍ କରିଥିଲା । ଜବାବରେ ବ୍ରାହ୍ମଣୀପାଲି ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ ହରାଇ ୬୯ ରନ୍ କରିଥିଲା । ଉଭୟ ଦଳ ଗୋଟିଏ ଲେଖାଏଁ ଫର୍ମାଟରେ ବିଜୟୀ ହେବାରୁ ସୁପର-୨ ଓଭର ଖେଳାଯାଇଥିଲା । ଏଥିରେ ବ୍ରାହ୍ମଣୀପାଲି ୧୯ ରନ୍ କରିଥିବା ବେଳେ ଦେଉଳମୁଣ୍ଡା ୨୦ ରନ୍ କରି ବିଜୟୀ ହୋଇଥିଲା । ଫଳରେ ଦେଉଳମୁଣ୍ଡା ୨-୧ ରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା । ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ସ୍ଥାନୀୟ ସମିତିସଭ୍ୟା ପ୍ରତିନିଧି ଲମ୍ବୋଦର ମହାକୁର, ସେବା ସମବାୟ ସମିତିର ସଭାପତି ସଂଗ୍ରାମ କେଶରୀ ଭୋଇ, ଦୁର୍ଜନତୈଲା ନାଏବ ସରପଞ୍ଚ ସୁରେଶ ପ୍ରଧାନ, ବହଳପଦର ସରପଞ୍ଚ ପ୍ରତିନିଧି ଗୋପାଳ ସେଠୀ, କ୍ରୀଡାବିତ ସୋମନାଥ ମହାକୁର, ଆୟୋଜକ ସଭାପତି ସନତ ମହାକୁର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ । ବ୍ରାହ୍ମଣୀପାଲିର ପୁରୁଷୋତ୍ତମ ସାହୁଙ୍କୁ ମ୍ୟାନ ଅଫ ଦି ସିରିଜ, ଶ୍ରେଷ୍ଠ ବ୍ୟାଟର, ଶ୍ରେଷ୍ଠ ସିକ୍ସର, ଦେଉଳାମୁଣ୍ଡାର ରାହୁଲ ଚାନ୍ଦଙ୍କୁ ଶ୍ରେଷ୍ଠ ବୋଲର ଏବଂ ଅମୟ ପେରାଙ୍କୁ ମ୍ୟାନ ଅଫ ଫାଇନାଲ ଭାବେ ପୁରସ୍କୃତ କରାଯାଇଥିଲା । ଫାଇନାଲ ମ୍ୟାଚକୁ ପପୁନ କଳତା ଓ ରାଜେନ୍ଦ୍ର ମହାକୁର ପରିଚାଳନା କରିଥିବା ବେଳେ ସୁଶୀଲ ସେଠୀ ସ୍କୋରିଙ୍ଗ ଏବଂ ସନତ ମହାକୁର ଓ ପୀତାମ୍ବର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ ।

## ବୁରଗୋରା ଗ୍ରାମର ଯୁବକଙ୍କ ଆନ୍ଧ୍ରରେ ମୃତ୍ୟୁ

ବୌଦ୍ଧ,୩୧।୧(ସମିସ): ବୌଦ୍ଧ ବ୍ଲକ ଟିକରପଡା ପଞ୍ଚାୟତର ବୁରଗୋରା ଗ୍ରାମରଅରୁଣ ରଣବିଡାଙ୍କ ଆନ୍ଧ୍ର ପ୍ରଦେଶରେ ମୃତ୍ୟୁ ଘଟିଛି । ତାଙ୍କ ମୃତଦେହ ଆଣିବା ସହ କ୍ଷତିପୂରଣ



ପ୍ରଦାନ ପାଇଁ ପାଣ ଗଣ୍ଡା ସମାଜ ବିକାଶ ପରିଷଦ ସାଧାରଣ ସମ୍ପାଦକ ସୁଧାଂଶୁ ଡାଙ୍ଗ ସରକାର ତଥା ପ୍ରଶାସନ ଉଦ୍ଦେଶ୍ୟରେ ଅନୁରୋଧ କରିଛନ୍ତି । ଅନ୍ୟପକ୍ଷେ ଏହି ଅଭିଯୋଗ ପାଇବା ପରେ ବୁରଗୋରା ଗ୍ରାମର ମୃତକଙ୍କ ଘରେ ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ କନ୍ୟା କୁମାରୀ ସାହୁ ପହଞ୍ଚି ତଥ୍ୟ ସଂଗ୍ରହ କରିଛନ୍ତି । ୨୦୨୫ ଜୁନ ମାସରୁ ସେ ଆନ୍ଧ୍ର ପ୍ରଦେଶର ଗୁଣ୍ଟୁର ଜିଲ୍ଲା ଅଧୀନ ପେଟା ଗ୍ରାମର ଏକ ସୂତା କଳରେ କାର୍ଯ୍ୟ କରୁଥିଲେ । ଗତ ୨୯ ତାରିଖ ଦିନ କାର୍ଯ୍ୟରତ ଥିବା ସମୟରେ ସନ୍ଦେହ ଜନକ ଭାବେ ମୃତ୍ୟୁ ଘଟିଛି । ଏହି ଘଟଣା ପରେ ପତ୍ନୀ ଶାନ୍ତି ମହାନନ୍ଦିଆ, ୨ ପୁଅ, ଗୋଟିଏ ଝିଅ ଏବଂ ମାଆ ନୟନା ଭାଙ୍ଗି ପଡିଛନ୍ତି ।

## ସରଣ୍ଡାରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

ବୌଦ୍ଧ,୩୧।୧(ସମିସ): ବୌଦ୍ଧ ବ୍ଲକ୍ ମୁର୍ଶୁଣ୍ଡି ପଞ୍ଚାୟତ ସରଣ୍ଡା ଗ୍ରାମରେ ସୁନ୍ଦରା କାଣ୍ଡ ପାରାୟଣ ଶୁଭାରମ୍ଭ ହୋଇଛି । ଗ୍ରାମବାସୀଙ୍କ ପକ୍ଷରୁ ତୃତୀୟ ବର୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୋନପୁରର ପୁରାଣ ଗାୟିକା ସୁଶ୍ରୀ ଦେବସ୍ମିତା ମହାପାତ୍ର ସୁନ୍ଦରା କାଣ୍ଡ ପଠନ କରୁଛନ୍ତି । ଏହି ଅବସରରେ ଗ୍ରାମ ତଥା ଆଖ ପାଖ ଅଞ୍ଚଳର ସହସ୍ରାଧିକ ଶ୍ରଦ୍ଧାଳୁ ଯୋଗ ଦେଇ ରାମକଥା ଶ୍ରବଣ କରୁଛନ୍ତି । ଗ୍ରାମବାସୀଙ୍କ ପକ୍ଷରୁ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ପ୍ରଦ୍ୟୁମ୍ନ ମିଶ୍ର ପୂଜାକାର୍ଯ୍ୟ କରୁଥିବା ବେଳେ ଗ୍ରାମବାସୀ ସହଯୋଗ କରୁଛନ୍ତି ।

## ଶୁଣ୍ଢି ସମାଜ ପକ୍ଷରୁ ସୁବର୍ଣ୍ଣଗ୍ରାହୀ ପୂଜା




କଣ୍ଟାମାଳ,୩୧।୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳରେ ଶୁଣ୍ଢି ସମାଜ ପକ୍ଷରୁ ସୁବର୍ଣ୍ଣଗ୍ରାହୀ ପୂଜା ଅନୁଷ୍ଠିତ ହୋଇଯାଇଛି । କଣ୍ଟାମାଳ ବ୍ଲକ୍ ଶୁଣ୍ଢି ସମାଜ ସଭାପତି କରୁଣାକର ସାହୁଙ୍କ ନେତୃତ୍ୱରେ ଏହି ବାର୍ଷିକ ସୁବର୍ଣ୍ଣଗ୍ରାହୀ ପୂଜା ଓ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ବୌଦ୍ଧ ଜିଲ୍ଲା ସଭାପତି ଭଳାଗିରି ସାହୁ, ସମ୍ମାନିତ ଅତିଥି ତରଭା ବ୍ଲକ୍ ସଭାପତି ସୁଦାମ ସାହୁ, କଣ୍ଟାମାଳ ସହ ସଂପାଦକ କର୍ତ୍ତିକ ବେହେରା, ବିଳାସପୁର ଜୋନ୍ ମେମ୍ବର ଲଳିତ ସାହୁ, ମନୁମୁଣ୍ଡା ଜୋନ୍ ମେମ୍ବର ବାବୁଲା ସାହୁ, ଖଜୁରରୋଜ ଜୋନ୍ ମେମ୍ବର ପ୍ରମୋଦ ସାହୁ, ଘଣ୍ଟାପଡା ଜୋନ୍ ମେମ୍ବର ମାଧବ ସାହୁ, ପଲସାଗୋରା ଜୋନ୍ ମେମ୍ବର ରାଧେଶ୍ୟାମ ସାହୁ, ଦପଳା ଜୋନ୍ ମେମ୍ବର ଗୋକୁଳ ସାହୁ, ଉଡେନ ଜୋନ୍ ମେମ୍ବର ଗୋପବନ୍ଧୁ ସାହୁ, ଆମ୍ବଗାଁ ଜୋନ୍ ମେମ୍ବର ନାରାୟଣ ସାହୁ, କଣ୍ଟାମାଳ ଜୋନ୍ ମେମ୍ବର କେଶବ ସାହୁ, ଖୁଣ୍ଟିଗୁରା ଜୋନ୍ ମେମ୍ବର ଦିଗାମ୍ବର ସାହୁ, ଉଡେନ କୋଷାଧ୍ୟକ୍ଷ କୁଳମଣି ସାହୁ, କଣ୍ଟାମାଳ କୋଷାଧ୍ୟକ୍ଷ ନେତ୍ରାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । କଣ୍ଟାମାଳ ଗିରି ଗୋବର୍ଦ୍ଧନ ମନ୍ଦିରରେ ପୂଜା ପାଠ କରାଯାଇଥିଲା । ସେଠାରୁ ସମାଜର ମହିଳାଙ୍କ ଦ୍ୱାରା କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ସୁବର୍ଣ୍ଣଗ୍ରାହୀ ମନ୍ଦିରରେ ପୂଜାପାଠ ହୋଇଥିଲା । କଣ୍ଟାମାଳ ସଭାପତି କରୁଣାକର ସାହୁ ଧନ୍ୟବାଦ୍ ଦେଇଥିଲେ ।

## ସାହାଜଲଥାକୁ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ ପାଇଁ ଦାବି
# ଉପଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲେ ଗ୍ରାମବାସୀ

ବୀରମହାରାଜପୁର,୩୧।୧(ସମିସ)



ଖଣ୍ଡହତା ପଞ୍ଚାୟତର ସାହାଜଲଥା ଗାଁକୁ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଗ୍ରାମର ଏସଏଚଜି ମହିଳା, କଲେଜ୍ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ମିଶି ବୀରମହାରାଜପୁର ଉପଜିଲ୍ଲାପାଳ, ବିଡିଓ ଏବଂ ତହସିଲଦାରଙ୍କୁ ଏ ନେଇ ଦାବିପତ୍ର ପ୍ରଦାନ କରଛନ୍ତି ।

ଲୋକଙ୍କ ଦାବି ଅନୁଯାୟୀ ଖଣ୍ଡହତା ପଞ୍ଚାୟତର ସାହଜଲଥା ଗାଁ ଏକ ଜଙ୍ଗଲ ଘେରା ଅଞ୍ଚଳ । ଏହି ଗାଁରୁ ବୀରମହାରାଜପୁର ଓ ରେଢ଼ାଖୋଲକୁ ଯିବା ପାଇଁ ଗମନା ଗମନର ବିଶେଷ ସୁବିଧା ନାହିଁ । ଏଠାକାର ଲୋକମାନେ ଯାତାୟାତ ପାଇଁ ଅନେକ ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ଗାଁକୁ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ ପାଇଁ ଗ୍ରାମବାସୀ ଅନେକ ଥର ଦାବି କରି ଆସୁଛନ୍ତି । ମାତ୍ର ବସ୍ ଖଣ୍ଡହତା ଗାଁ ପର୍ଯ୍ୟନ୍ତ ଏବେ ଚଳାଚଳ କରୁଛି । ଖଣ୍ଡହତାରୁ ସାହାଜ ଲଥା ପ୍ରାୟ ୭କିମି । ଏଣୁ ଲୋକେ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ପ୍ରତିଦିନ ବହୁ ଛାତ୍ରଛାତ୍ରୀ ଖଣ୍ଡହତା, ସୁବଳୟା ଓ ବୀରମହାରାଜପୁର ଆସୁଛନ୍ତି । ସେମାନଙ୍କ ଯିବା ଆସିବା ପାଇଁ ସୁବିଧା ନ ଥିବାରୁ ଅନେକ ଛାତ୍ରଛାତ୍ରୀ ଅଧାରୁ ପାଠ ପଢିବା ବନ୍ଦ କରି ଦେଉଛନ୍ତି । ଏ ନେଇ ଅନେକ ଥର ଗ୍ରାମବାସୀ ପ୍ରଶାସନିକ ଅଧିକାରୀଙ୍କୁ ଦାବି କରି ଆସଛନ୍ତି ।

ପ୍ରଶାସନ ଲୋକଙ୍କ ଦାବିକୁ ଅଣଦେଖା କରିବା ସହ ବସ୍ ଚଳା ଚଳ ପାଇଁ କୌଣସି ପଦକ୍ଷେପ ନେଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଶେଷରେ ଏସଏଚଜି ମହିଳା, କଲେଜ ଛାତ୍ରୀ ଓ ଗ୍ରାମବାସୀ ମିଶି ଉପଜିଲ୍ଲାପାଳ, ବିଡିଓ ଏବଂ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ର ପ୍ରଦାନ ବେଳେ ଗ୍ରାମର ସ୍ୱରୂପା ପଧାନ, ବାଣେଶ୍ୱରୀ ସାହୁ, ମୁକ୍ତାମଣି ପଧାନ, ରଞ୍ଜିତା ପଧାନ, ଭୂମିସୂତା ପଧାନ, ରିଙ୍କି ଘିବିଲା ପ୍ରମୁଖ ଉପସ୍ଥିତ ଥିଲେ ।

